**ଆଜି ଦେଶ ବି.ଜେ.ପି ର ଆଦର୍ଶ ତଥା ସୁଶାନର ପ୍ରତୀକ୍ଷାରେ ରହିଛି ।**

**ତା.୧୦.୦୧.୨୦୧୪**

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

ରାଜ୍ୟ ବିଧାନସଭା ନିର୍ବାଚନର ଫଳାଫଳ ବାସ୍ତବରେ ଦେଶର ରାଜନୀତିରେ ଏକ ବିରାଟ ପରିବର୍ତ୍ତନ ଆଣିଦେଇଛି । ୨୦୧୩ ସେପ୍ଟେମ୍ବର ୧୩ ପୂର୍ବରୁ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନ ମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବା ଦ୍ୱାରା ହିଁ ମୋଦିଙ୍କ ସମର୍ଥନରେ ଏପରି ବିରାଟ ପରିବର୍ତ୍ତନ ଆସିଅଛି । ଆଜି ମଧ୍ୟ ଦେଶରେ ମୋଦିଙ୍କୁ ବିପୁଳ ସମର୍ଥନ ମିଳୁଅଛି । ଆମ ଆଦମୀ ପାର୍ଟି ମଧ୍ୟ ବି.ଜେ.ପି ପାଇଁ ଏକ ନୂତନ ଆହ୍ୱାନ ଆଣୁଥିବା ସହ ବହୁ ସଂଖ୍ୟକ ଜନତାଙ୍କ ମନରେ ଘର କରି ବସିଅଛି । ଏଥିରେ କିଛି ବିନା ରାଜନୈତିକ ଭିତ୍ତି ଭୂମି ଥିବା ବ୍ୟକ୍ତି ନିର୍ବାଚନ ଲଢ଼ିବାର ବାଟ ଖୋଜି ରାଜନୀତିରେ ଭର୍ତ୍ତି ହୋଇଛନ୍ତି କହିଲେ ମଧ୍ୟ ଭୁଲ ହେବନାହିଁ ।

ହେଲେ ଶାସନ ଗ୍ରହଣ କରିବା ପରେ ଆମ ଆଦମୀ ପାର୍ଟି କି କି କାର୍ଯ୍ୟ କରିଅଛି ? ଦିଲ୍ଲୀକୁ ବିଶ୍ୱର ଏକ ପ୍ରତିଷ୍ଠିତ ସହର ଭାବରେ ଗଢ଼ିବାରେ ତାହାର ଯୋଜନା କଅଣ ? ତାହାର ମନ୍ତ୍ରୀ ମାନେ ବ୍ୟବହାର କରୁଥିବା ଗାଡ଼ି, ମାଗଣାରେ ମିଳୁଥିବା ଦ୍ରବ୍ୟର ବଣ୍ଟନ କରିବା ଆଦି କାର୍ଯ୍ୟ ମାଧ୍ୟମରେ ଜନତାଙ୍କ ଦୃଷ୍ଟି ଆକର୍ଷଣ କରିବା ତଥା ଗଣମାଧ୍ୟମକୁ ଆକର୍ଷିତ କରାଇବା କାର୍ଯ୍ୟ କରିଚାଲିଛନ୍ତି । ମାତ୍ର ସେଥିରେ ସାଧାରଣ ମଣିଷର ଜୀବନ ଶୈଳୀ ଉନ୍ନତ ହେବାର ସମ୍ଭାବନା ହିଁ ନାହିଁ । ତେବେ ଏଭଳି ସରକାର କଅଣ ଅଧିକ ଦିନ ତିଷ୍ଠିପାରେ ?

ଆମ ଆଦମୀ ପାର୍ଟି ଯେଉଁ ଭ୍ରଷ୍ଟାଚାର ନିପାତ କରିବାର ବାନା ଉଡ଼ାଉଥିଲା, ତାହା କଂଗ୍ରେସର ସମର୍ଥନ ନେବା ମାଧ୍ୟମରେ ପୂରା ପୂରି ଫିକା ହୋଇ ଯାଇଅଛି । ସି.ଡ଼ବଲ୍ୟୁ.ଜି ସ୍କାମ, ଟୁ-ଜି ସ୍ପେକ୍ଟ୍ରୁମ ଆବଣ୍ଟନ, କୋଇଲା ଆବଣ୍ଟନ ତଥା ଶୀଲା ଦିକ୍ଷିତ ସରକାରଙ୍କର ବିଭିନ୍ନ ଦୁର୍ନୀତି ନେଇ କୌଣସି ପଦକ୍ଷେପ ହିଁ ନିଆଯାଇନାହିଁ । ବର୍ତ୍ତମାନ ଯେଉଁ ପୋଲିଂ କରାଯାଇଛି ତାହା ତିନୋଟି ମୁଖ୍ୟ ବାର୍ତ୍ତା ଦିଏ । ପ୍ରଥମତଃ ଆଗାମୀ ଲୋକସଭା ନିର୍ବାଚନରେ କଂଗ୍ରେସ ସମ୍ପୂର୍ଣ୍ଣ ଭାବରେ ସୀମିତ ରହିଯିବ । ଦ୍ୱିତୀୟତଃ ଆମ ଆଦମୀ ପାର୍ଟି ନୂତନ କରି ତାହାର ସ୍ଥିତିକୁ ଜାହିର କରୁଛି ଓ ତୃତୀୟତଃ ପ୍ରଧାନମନ୍ତ୍ରୀ

ପଦ ପାଇଁ ମୋଦି ହିଁ ଶ୍ରେଷ୍ଠ ବିବେଚିତ ଅଟନ୍ତି । ତେଣୁ ବି.ଜେ.ପିର କାର୍ଯ୍ୟକର୍ତ୍ତାଙ୍କୁ ପ୍ରତିଟି ଘରକୁ ଯାଇ ନିଜର ବିଶ୍ୱସ୍ତତାକୁ ପ୍ରତିପାଦିତ କରିବାକୁ ହେବ । ତାକୁ କଂଗ୍ରେସର ଔଦ୍ଧତ୍ୟ, ଭ୍ରଷ୍ଟାଚାରକୁ ଦର୍ଶାଇବା ସହ ନୂତନ ପାର୍ଟିର ଅବାସ୍ତବ କାର୍ଯ୍ୟକଳାପକୁ ମଧ୍ୟ ଜନତାଙ୍କୁ ବୁଝାଇବାକୁ ହେବ । ତାହା ସହ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟ କୁଶଳତାକୁ ଜନତାଙ୍କ ଆଗରେ ଉପସ୍ଥାପନା କରି ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ହେବ ।